Food and Agriculture Organization of the United Nations | Ministry of Agriculture & Farmer's Welfare, Ministry of Environment, Forest and Climate Change | Govt. of Odisha | GLOBAL ENVIRONMENT FACILITY — INVESTING IN OUR PLANET

# ଗ୍ରାମ୍ୟ କାର୍ଯ୍ୟକାରୀ କମିଟି (VIC)

## ଗ୍ରାମ୍ୟ କାର୍ଯ୍ୟକାରୀ କମିଟି

ଗ୍ରୀନ୍-ଏଜି ପ୍ରକଳ୍ପ ଏକ ବହୁମୁଖୀ ପ୍ରକଳ୍ପ ଯାହାର କାର୍ଯ୍ୟକାରିତା ଲ୍ୟାଣ୍ଡସ୍କେପ୍ ଧାରାକୁ ଅନୁସରଣ କରେ। ଏହି ପ୍ରକଳ୍ପ ଅଧୀନରେ ବିଭିନ୍ନ ହିତାଧିକାରୀଙ୍କୁ ସାମିଲ କରିବା ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ବିଭିନ୍ନ ସରକାରୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ (SHGs), କୃଷକ ଉତ୍ପାଦକ ସଂଗଠନ (FPO) ଓ ବେସରକାରୀ ଅନୁଷ୍ଠାନ (NGO) ଗୁଡ଼ିକ ଏକତ୍ରିତ ହୋଇ ଲ୍ୟାଣ୍ଡସ୍କେପର ସ୍ଥିତି ସମ୍ପର୍କରେ ଆଲୋଚନା କରି ସର୍ବ ସମ୍ମତି କ୍ରମେ ସଠିକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି। ଯାହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହେଉଛି :-



୧. ଲ୍ୟାଣ୍ଡସ୍କେପର ସାମର୍ଥ୍ୟ ଏବଂ ଦୁର୍ବଳତା ଚିହ୍ନଟ।

୨. ପ୍ରକଳ୍ପ ଅଧିନସ୍ଥ ବିଭିନ୍ନ ହିତାଧିକାରୀଙ୍କ ଦୃଷ୍ଟିକୋଣରୁ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ପ୍ରାଥମିକତା ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଯୋଜନା ପ୍ରସ୍ତୁତି।

୩. ପ୍ରାଥମିକତା ଭିତ୍ତିରେ ପୂର୍ବରୁ ଚିହ୍ନଟ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତି କରିବା ନିମନ୍ତେ ଗୋଷ୍ଠୀ ମଧ୍ୟରେ ଥିବା ମତଭେଦକୁ ଦୂରକରିବା ।

୪. ଅଗ୍ରାଧିକାର ଭିତ୍ତିରେ ଲ୍ୟାଣ୍ଡସ୍କେପ ସ୍ତରୀୟ ଯୋଜନା ପ୍ରସ୍ତୁତି।

୫. ପ୍ରକଳ୍ପ ଅଧିନସ୍ଥ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରାଇବା।

୬. ପ୍ରତୀକ୍ଷିତ ଫଳାଫଳଗୁଡ଼ିକୁ ଆଖି ଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ସହିତ ଆବଶ୍ୟକ ସ୍ଥଳେ କାର୍ଯ୍ୟ କରିବା ଅଭିଜ୍ଞତା ଆଧାରରେ ପୂର୍ବ ପ୍ରସ୍ତୁତ ଯୋଜନାର ଆବଶ୍ୟକୀୟ ସଂଶୋଧନ ଆଣିବା।

ଗ୍ରାମ, ଲ୍ୟାଣ୍ଡସ୍କେପ ଅଞ୍ଚଳରେ ସବୁଠାରୁ କ୍ଷୁଦ୍ର କାର୍ଯ୍ୟକାରୀ ୟୁନିଟ୍, ଗ୍ରାମ ସ୍ତରରେ ଏକ ବହୁମୁଖୀ କମିଟି ଗଠନ ପାଇଁ ପ୍ରସ୍ତାବ ରଖାଯାଇଅଛି, ଏଥିପାଇଁ ଏକ ନୂତନ ଅନୁଷ୍ଠାନ ଗଠନ ହୋଇପାରେ କିମ୍ବା ଗାଁରେ ଉପସ୍ଥିତ ସମସ୍ତ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ପୂର୍ବରୁ ଥିବା ସକ୍ରିୟ ଅନୁଷ୍ଠାନକୁ ଗ୍ରାମ୍ୟ କାର୍ଯ୍ୟକାରୀ କମିଟି (VIC) ଭାବରେ ବିବେଚନା କରାଯାଇପାରେ।

## ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ଗଠନ

ଗ୍ରାମ୍ୟ କାର୍ଯ୍ୟକାରୀ କମିଟିରେ ବିଭିନ୍ନ ବିଭାଗର କ୍ଷେତ୍ର କାର୍ଯ୍ୟକର୍ତ୍ତା, ସକ୍ରିୟ ଗୋଷ୍ଠୀ, ଅନୁଷ୍ଠାନ ଏବଂ କୃଷକ ସଂଗଠନର ପ୍ରମୁଖ ହିତାଧିକାରୀ ପ୍ରତିନିଧିତ୍ୱ କରିବେ।

### ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ

**ଅଧ୍ୟକ୍ଷ:**

- ସରପଞ୍ଚ / ପଞ୍ଚାୟତ ରାଜ ପ୍ରତିନିଧି (PRI)।
- ନିର୍ଦ୍ଦିଷ୍ଟ ଗ୍ରାମର ସରପଞ୍ଚ / ପଞ୍ଚାୟତ ରାଜ ପ୍ରତିନିଧି (PRI)ଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବା ଗ୍ରାମର ଯେ କୌଣସି ଅଧିବାସୀ।

### ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟ / ପ୍ରତିନିଧିମାନେ:

- ଜୈବ ବିବିଧତା ପରିଚାଳନା କମିଟି (BMCs)
- ଇକୋ-ଡେଭଲେପମେଣ୍ଟ କମିଟି (EDC)
- ମିଳିତ ଜଙ୍ଗଲ ପରିଚାଳନା କମିଟି (JFMC)
- ଜଳ ବିଭାଜିକା ପରିଚାଳନା କମିଟି (WMC)
- କୃଷକ ସଂଗଠନ ଏବଂ ସମବାୟ ସମିତି ।
- ବିଭିନ୍ନ ବିଭାଗର କ୍ଷେତ୍ର ସ୍ତରୀୟ କାର୍ଯ୍ୟକର୍ତ୍ତା (ଏକ୍ସ-ଅଫିସିଓ ସଦସ୍ୟ)

- ଗ୍ରାମରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ପ୍ରତିନିଧି
- ଗ୍ରାମରେ ବାସ କରୁଥିବା ଆଦିମ ଅଧିବାସୀ / ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧି
- ଗ୍ରାମରେ ବାସ କରୁଥିବା ଭୂମିହୀନ ଲୋକଙ୍କ ପ୍ରତିନିଧି
- ଗ୍ରାମରେ କାର୍ଯ୍ୟ କରୁଥିବା CSO / ବେସରକାରୀ ଅନୁଷ୍ଠାନ (NGO)ର ପ୍ରତିନିଧି

**ବି.ଦ୍ର:** ➤ ଏହି ତାଲିକା କେବଳ ସୂଚକ ଅଟେ ଏବଂ ଏହା ସ୍ଥାନୀୟ ପରିବେଶ ଏବଂ ପରିସ୍ଥିତି ଅନୁଯାୟୀ ଏହା ପରିବର୍ତ୍ତନ କରାଯାଇପାରିବ।

➤ ଜଣେ ବ୍ୟକ୍ତି ଦୁଇଟି ଆଗ୍ରହୀ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରିପାରନ୍ତି। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଉଭୟ ଆଦିମ / ଅନୁସୂଚିତ ଜନଜାତି ଏବଂ ଭୂମିହୀନ ଶ୍ରେଣୀରୁ ପ୍ରତିନିଧିତ୍ୱ କରିପାରନ୍ତି।

## ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର (VIC) ଗଠନ

ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସାମୟିକ ଗଠନ ପ୍ରଣାଳୀ ନିମ୍ନରେ ପ୍ରଦାନ କରାଯାଇଅଛି, ଯାହା ସରପଞ୍ଚ/ପଞ୍ଚାୟତ ରାଜ ପ୍ରତିନିଧି (PRI) ଏବଂ ସ୍ଥାନୀୟ ପ୍ରତିନିଧିଙ୍କ ମତାମତ ଅନୁଯାୟୀ ପରିବର୍ତ୍ତନ କରାଯାଇପାରିବ।

- ନିର୍ଦ୍ଦିଷ୍ଟ ଗ୍ରାମରେ ବସବାସ କରୁଥିବା ଏବଂ ସରପଞ୍ଚଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବା ଗୋଷ୍ଠୀର ଯେକୌଣସି ବ୍ୟକ୍ତି ଗ୍ରାମ୍ୟ କାର୍ଯ୍ୟକାରୀ କମିଟି (VIC)ର ଅଧକ୍ଷ (ଚେୟାରମ୍ୟାନ୍) ହୋଇପାରିବେ।
- ଗ୍ରାମରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କମିଟିର ପ୍ରତିନିଧିମାନେ ଗ୍ରାମ୍ୟ କାର୍ଯ୍ୟକାରୀ କମିଟି (VIC)ରେ ସଦସ୍ୟତା ଗ୍ରହଣ କରିବା ନିମନ୍ତେ ଲିଖିତ ଭାବରେ ଜଣାଇବେ।
- ଗୋଷ୍ଠୀ ସମ୍ବଳ ବ୍ୟକ୍ତି (CRP) ଗ୍ରାମ୍ୟ କାର୍ଯ୍ୟକାରୀ କମିଟିରେ ସାଧାରଣ ସମ୍ପାଦକ ରହିବେ।
- ଉକ୍ତ ଗ୍ରାମରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଗ୍ରାମ୍ୟ କାର୍ଯ୍ୟକାରୀ କମିଟିରେ ଏକ୍ସ-ଅଫିସିଓ (Ex-officio) ସଦସ୍ୟ ରହିବେ।
- ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ମଧ୍ୟରୁ ଅତିକମ୍‌ରେ ଏକ ତୃତୀୟାଂଶ ମହିଳା ରହିବେ।
- ଗୋଷ୍ଠୀର ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ପର୍ଯ୍ୟାପ୍ତ ପ୍ରତିନିଧିଙ୍କୁ ରଖିବା ନିମନ୍ତେ ପ୍ରାଧାନ୍ୟ ଦିଆଯିବ ଏବଂ ଅତି କମ୍‌ରେ ଦୁଇଜଣ ସଦସ୍ୟ ଏହି ସମ୍ପ୍ରଦାୟରୁ ରହିବେ।
- ଗ୍ରାମର ଭୂମିହୀନ ଶ୍ରେଣୀର ଅତିକମ୍‌ରେ ଜଣେ ସଦସ୍ୟ ରହିବେ ।
- ଆବଶ୍ୟକତା ଅନୁଯାୟୀ ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇପାରିବ। ମାସରେ ଅତି କମ୍‌ରେ ଥରେ ବୈଠକ ଅନୁଷ୍ଠିତ ହେବ।
- ଯଦି କୌଣସି କାରଣରୁ ଅଧକ୍ଷ ଅନୁପସ୍ଥିତ ରୁହନ୍ତି, ସଦସ୍ୟମାନେ ସେହି ନିର୍ଦ୍ଦିଷ୍ଟ ଦିନରେ ବୈଠକ କରିବା ନିମନ୍ତେ ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ଅଧକ୍ଷ ଭାବରେ ମନୋନୀତ କରି ସଭା କାର୍ଯ୍ୟ ସମ୍ପାଦନ କରିପାରିବେ।

## ଗ୍ରାମ୍ୟ କାର୍ଯ୍ୟକାରୀ କମିଟିର ଭୂମିକା (VIC)

ନିମ୍ନଲିଖିତ ଭୂମିକା ସହିତ ଏହାର ପରିସର ବ୍ୟାପକ ହୋଇପାରେ :

- ଗୋଷ୍ଠୀ ପରାମର୍ଶରେ ଉପଲବ୍ଧ ତଥ୍ୟର ସତ୍ୟତା ପରଖିନେବେ।
- ଲ୍ୟାଣ୍ଡସ୍କେପର ସାମର୍ଥ୍ୟ ଏବଂ ଦୁର୍ବଳତା ଚିହ୍ନଟ।
- ପ୍ରକଳ୍ପର ଲକ୍ଷ୍ୟ, ଉଦ୍ଦେଶ୍ୟ, ହିତାଧିକାରୀଙ୍କ ଆଗ୍ରାଧିକାର ଭଳି ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ବିଭିନ୍ନ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ତା'ସହିତ ପ୍ରାଥମିକ ଭିତ୍ତିରେ କାର୍ଯ୍ୟକ୍ରମଗୁଡ଼ିକୁ ଚିହ୍ନଟ କରିବା।
- ପ୍ରାଥମିକତାଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ହିତାଧିକାରୀଙ୍କ ସହମତି ନେବା।
- ସବୁଜ ଲ୍ୟାଣ୍ଡସ୍କେପ୍ ପରିଚାଳନା ଯୋଜନା ପ୍ରସ୍ତୁତିରେ ସହଯୋଗ କରିବା।
- ଗ୍ରୀନ୍ ଲ୍ୟାଣ୍ଡସ୍କେପ୍ ପରିଚାଳନା ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଏବଂ ତଦାରଖ ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା।
- ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ତଦାରଖ କରିବା ଏବଂ ଆବଶ୍ୟକ ସ୍ଥଳେ ପ୍ରସ୍ତୁତ କରାଯାଇଥିବା ଯୋଜନାର ସଂଶୋଧନ (ଯଦି ଥାଏ) ନିମନ୍ତେ ସହାୟତା ପ୍ରଦାନ କରିବା।
- ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରକଳ୍ପ ଟିମ୍‌ଙ୍କୁ ସଙ୍ଗେ ସଙ୍ଗେ ଅବଗତ କରାଇବା।
- ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ପ୍ରକଳ୍ପ ଟିମ୍‌ଙ୍କୁ ସହାୟତା ପ୍ରଦାନ କରିବା।